ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୁଷ୍ୟାଭିଷେକ ପାଇଁ ପ୍ରସ୍ତୁତି

॥ ପ୍ରଭାନ୍ୟୁଜ୍ ॥ ନେମାଳ, ୩୧।୧୨ : ଭବିଷ୍ୟତ ମାଳିକାକାର ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଦେବାଭିଷେକ ପୂର୍ଣ୍ଣିମା ପାଇଁ ଆଜି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠସ୍ଥଳୀରେ ଏକପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ପୂର୍ବ ନିର୍ଦ୍ଧାରିତ ନୀତି ନିଘଣ୍ଟ ଅନୁସାରେ ମହାପ୍ରଭୁଙ୍କର ସେବା କାର୍ଯ୍ୟରେ ଚତୁଃପାର୍ଶ୍ୱରେ ସୁଦୃଢ କଲିକତାରୁ ଫୁଲ ଅଣାଯାଇ ପୀଠକୁ ସଜ୍ଜିତ କରାଯିବା ସହ ଉଜ୍ଜଳ ଆଲୋକମାଳାର ବ୍ୟବସ୍ଥା କରାଯାଇଛି । ଦେବାଭିଷେକ ପୂର୍ଣ୍ଣିମା ଦିନ ପଞ୍ଚ ମହାପୁରୁଷଙ୍କ ଆଜ୍ଞାମାଳ ଆସିବା ସହ ନିକଟସ୍ଥ ଅରାଧ ଦଧିବାମନ ଜୀଉ ଓ କୃଷ୍ଣ ବିହାରୀଙ୍କଠାରୁ ବିରାଟକାୟ ପରଡି ଓ ଆଜ୍ଞାମାଳାକୁ ସ୍ୱତନ୍ତ୍ର ରୋଷଣୀ ମାଧ୍ୟମରେ ପୀଠକୁ ଅଣାଯିବାର ବ୍ୟବସ୍ଥା ହୋଇଛି । ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ପାଇଁ କମିଟିପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ସମାଜସେବୀ ପ୍ରସନ୍ନ ବେଉରାଙ୍କ ସଭାପତିତ୍ୱରେ ଆଇନଜୀବୀ ଶିଶିର କୁମାର ଦାସ, ବରିଷ୍ଠ ସେବକ ଧରଣୀଧର ପୂଝାରୀ, କେଶବ ଦଳାଇ, ସାମ୍ବାଦିକ ରତ୍ନାକର ବାରିକ, କ୍ଷମାନିଧି ପୂଝାରୀ, ଦର୍ଶନ ନାୟକ, ଅକ୍ଷୟ ବାରିକ, ହୃଷିକେଶ ପୂଝାରୀ, ମହାପୁରୁଷଙ୍କ ବରିଷ୍ଠ ସେବକ ରତ୍ନାକର ପୂଝାରୀ, ଟ୍ରଷ୍ଟ କର୍ମକର୍ତ୍ତା ଶରତ ମଲ୍ଲିକ, ଗନୁ ପାତ୍ର, ପଦ୍ମନାଭ ପୂଝାରୀଙ୍କ ସମେତ ମହାପୁରୁଷଙ୍କ ଶ୍ରଦ୍ଧାଳୁମାନେ ଯୋଗଦେଇ ପୁଷ୍ୟାଭିଷେକ ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ପ୍ରସ୍ତୁତି ବୃତ୍ତାନ୍ତ କରିଥିବା ଜଣାପଡିଛି ।

ମହିଳାଙ୍କୁ ଅସଦାଚରଣ, ଯୁବକ ଥାନାରେ ଅଟକ

ଚୌଦ୍ୱାର, ୩୧।୧୨ : ଚୌଦ୍ୱାର ଥାନା ଅନ୍ତର୍ଗତ ମହିଂଷାଲଣ୍ଡା ପଞ୍ଚାୟତର ମାଛପଙ୍ଗିର ଜଣେ ମହିଳାଙ୍କୁ ମହିଂଷାଲଣ୍ଡା ଗାଁର ଜଣେ ଯୁବକ ତାଙ୍କ ଘରେ ପଶି ଅସଦାଚରଣ କରିବା ଘଟଣାରେ ପୁଲିସ ଅଭିଯୁକ୍ତକୁ ଥାନାରେ ଅଟକ ରଖିଥିବାର ଜଣାପଡିଛି । ପ୍ରକାଶ ଯେ ଆଜି ଖରାବେଳେ ଦେବକୀ ଦେହୁରୀ (୨୮) ଘରେ ଥିବା ସମୟରେ ମହିଂଷାଲଣ୍ଡାର ଜାପାନୀ ପାଡୀଙ୍କ ପୁଅ ବଚନ ପାଡୀ (୨୫) ଘର ଭିତରେ ପଶି ଏହି ମହିଳାଙ୍କୁ ଟଣାଓଟରା କରିବା ସହିତ ଅସଦାଚରଣ ବ୍ୟବହାର କରିଥିଲେ । ଏହି ଘଟଣାରେ ଦେବକୀ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ସେହି ଯୁବକକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି ।

୨୦୦୪ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଚୌଦ୍ୱାର, ୩୧।୧୨ : ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ କଖଡ଼ି ହାଇସ୍କୁଲର ୨୦୦୪ ମ୍ୟାଟ୍ରିକି ବ୍ୟାଚ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ କଖଡ଼ି ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସ୍ୱୟମ ଶମ୍ଭୁ ସ୍ୱାଇଁ ପରିଚାଳନା କରିଥିଲେ । ନୃସିଂହ ମହାନ୍ତି, ଉଦୟନାଥ ମହାନ୍ତି, ସ୍ମୃତିରେଖା ବାହାଳିଆ, ଜ୍ଞାନରଞ୍ଜନ ଖଟୁଆ, ନିବେଦିତା ବେହେରା, ସତ୍ୟପ୍ରକାଶ ସୂତାର, କାର୍ତ୍ତିକ ଚନ୍ଦ୍ର ପରିଡ଼ା ଲକ୍ଷ୍ମୀଧର ପୁଷ୍ଟି, ମନୋଜ କୁମାର ସାହୁ, ଅଜୟ କୁମାର ସାହୁ, ସୁବ୍ରତ ବେହେରା, ରାମଚନ୍ଦ୍ର ସୂତାର ଭଜମନ ବେହେରା ପ୍ରମୁଖ ଯୋଗଦେଇଥିଲେ । ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ ଥିଲା ବନ୍ଧୁମାନଙ୍କ ମଧ୍ୟରେ ବନ୍ଧୁତାକୁ ବଳିଷ୍ଠ କରିବା ସହ ସ୍ନେହ ସଦଭାବ ବଢାଇବା । ପରିଶେଷରେ ରାମ ଚନ୍ଦ୍ର ସୂତାର ଧନ୍ୟବାଦ ଅର୍ପଣ କରିଥିଲେ ।

ସୁରେନ୍ଦ୍ର ପଟ୍ଟନାୟକଙ୍କ ୩୦ ତମ ଶ୍ରାଦ୍ଧ ବାର୍ଷିକ ପାଳିତ

ପ୍ରତିରୋଧ ନ ରହିଲେ ରାଜ୍ୟ ତଥା ଦେଶରେ ଏକ ଛତ୍ରବାଦ ଶାସନ ଚାଲିବ : ପ୍ରକାଶ ମିଶ୍ର

॥ ପ୍ରଭାନ୍ୟୁଜ୍ ॥ ନେମାଳ, ୩୧।୧୨ : ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ପଞ୍ଚାୟତ ସାତଭଉଣୀଠାରେ ବିଶିଷ୍ଟ ଜନ ନାୟକ, ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କର ୩୦ତମ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ଯୁବ ସମାଜ ସ୍ୱର୍ଗତ ପଟ୍ଟନାୟକଙ୍କର ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ଦେଶର ପ୍ରଗତି ପାଇଁ ଆଗେଇ ଆସିବା ଉଚିତ୍ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ପୁଲିସ ଡିଜି ପ୍ରକାଶ ଚନ୍ଦ୍ର ମିଶ୍ର ନିଜର ମନ୍ତବ୍ୟ ପ୍ରଦାନ କରିଛନ୍ତି । ରାଜ୍ୟ ତଥା ଦେଶରେ ଶାସନ କର୍ତ୍ତାଙ୍କୁ ପ୍ରତିରୋଧର ସ୍ୱର ଉଠାଇବା ପାଇଁ ସାଧାରଣ ଜନତା ଜାଗ୍ରତ ନହେଲେ ସରକାରସ୍ତରରେ ଥିବା ବ୍ୟକ୍ତିମାନେ ମେରିରାୟ ଶାସନ କରି ଚାଲିବେ ବୋଲି ଶ୍ରୀ ମିଶ୍ର କହିବା ସହ ପ୍ରତ୍ୟେକ ବ୍ୟକ୍ତି ଶୃଙ୍ଖାଳ ନହୋଇ ସିଂହ ପ୍ରକୃତି ଆଚରଣ କଲେ ସାଧାରଣ ଲୋକ ଶୀର୍ଷ ସ୍ଥାନରେ ପହଞ୍ଚିପାରିବ ବୋଲି ମଧ୍ୟ ଶ୍ରୀ ମିଶ୍ର ମତ ରଖିଥିଲେ । ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଏହି ଶ୍ରାଦ୍ଧ ଉତ୍ସରେ ବିକାଶ ପରିଷଦର ଅଧ୍ୟକ୍ଷ ଶାରଦା ପ୍ରଧାନ ଅଧ୍ୟକ୍ଷତାରେ କରି ସ୍ୱର୍ଗତ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ଉଚ୍ଚପ୍ରଶଂସା କରିବା ସହ କୃଷି, ଜଳସେଚନର ବିକାଶ ପାଇଁ ଉଦ୍ୟମ କରିଥିଲେ ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ଶରତ ଚନ୍ଦ୍ର ମହାନ୍ତି, ସମାଜସେବୀ କିଶୋର ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ । ଶ୍ରାଦ୍ଧୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କୁଳମଣୀ ବରାଳ, କମଳା ବଣ୍ଟିଆ, ଯାଜ୍ଞସେନୀ ଜେନାଙ୍କ ସମେତ ବହୁ ସୁରେନ୍ଦ୍ର ପ୍ରେମୀ ଜନସାଧାରଣ ଏହି ଶ୍ରାଦ୍ଧ ଉତ୍ସବରେ ସାମିଲ ହୋଇଥିଲେ । ଆଶୁତୋଷ ତ୍ରିପାଠୀ, ନୃସିଂହନାଥ ପରିଡା, ଅଶୋକ ସାହୁ, ଅବିନାଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ନିକଟତର ଥିବା ଶ୍ରୀ ସୋମନାଥ ମହାପାତ୍ର, ଅନିରୁଦ୍ଧ ପରିଡା, ସେକ୍ ଦବିରଉଦ୍ଦିନ, ନୀଳମଣୀ ଦାସ, କଣ୍ଟୁରୀ ଚରଣ ବାରିକ, ଯୁଧିଷ୍ଠିର ଦାସ, ବ୍ରଜ କିଶୋର ବିଶ୍ୱାଳ, ଶେଷଦେବ ଦାସ, ପଦ୍ମଚରଣ ମହାନ୍ତିଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସୁବାଷ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କୁ ଭେଟିଲେ ଆଇନଜୀବୀ ଦେବସ୍ମାନ ଦାସ

।।ପ୍ରଭାନ୍ୟୁଜ୍।। କଟକ,୩୧।୧୨ : ଓଡିଶା ହାଇକୋର୍ଟର ଆଇନଜୀବୀ ଦେବସ୍ମାନ ଦାସ ପୂର୍ବତନ ରାଷ୍ଟ୍ରପତି ପ୍ରତିଭାଦେବୀ ସିଂ ପାଟିଲଙ୍କୁ ତାଙ୍କ ପୁନେସ୍ଥିତ ରାଇଗଡ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଏହି ଅବସରରେ ଶ୍ରୀ ଦାସ ମହାପ୍ରଭୁ ଜଗନ୍ନାଥଙ୍କ ପଟ୍ଟଚିତ୍ର, ମହାପ୍ରସାଦ, ସମ୍ବଲପୁର ଅଙ୍ଗବସ୍ତ୍ର ଶ୍ରୀମତୀ ପାଟିଲଙ୍କୁ ପ୍ରଦାନ କରିଥିଲେ । ଶ୍ରୀ ଦାସଙ୍କ ଦ୍ୱାରା ରଚିତ 'ବିଶ୍ୱନାଥ ପଶାୟତ ଦି ପାଇନିଓର ଅଫ ନିଉ ଏରା' ଶୀର୍ଷକ ଇଂରାଜୀ ପୁସ୍ତକ ଓ 'ଶିଡିଡି ସାଇ ଅଲୌକିକ ବିଭୂତି' ପୁସ୍ତକ ଶ୍ରୀମତୀ ପାଟିଲଙ୍କୁ ପ୍ରଦାନ କରିଥିଲେ । ଶ୍ରୀମତୀ ପାଟିଲ ଜଣେ ଆଇନଜୀବୀ ଭାବେ ରାଷ୍ଟ୍ରପତି ଥିବା ସମୟରେ ସୁପ୍ରିମକୋର୍ଟ ପରିଦର୍ଶନ ଯିବା ସମୟର ଅନୁଭୂତି ବର୍ଣ୍ଣନା କରିବା ସହିତ ରାଷ୍ଟ୍ର ଗଠନରେ ଆଇନଜୀବୀମାନଙ୍କ ଭୂମିକା ସଂପର୍କରେ ମଧ୍ୟ ଆଲୋକପାତ କରିଥିଲେ । ତାଙ୍କ ଓଡିଶା ଗସ୍ତ ସମୟରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନର ସ୍ମୃତି ଚାରଣ କରିବା ସହିତ ଶ୍ରୀ ଦାସଙ୍କୁ ତାଙ୍କ ପୁସ୍ତକ ପାଇଁ ଅଭିନନ୍ଦନ ଜଣାଇଥିଲେ ।

ଶଶୁର ଘରେ ଜ୍ୱାଇଁର ମୃତ୍ୟୁ ଘଟଣା

ହତ୍ୟା ମାମଲା ରୁଜୁ କଲା ପୁଲିସ

॥ ପ୍ରଭାନ୍ୟୁଜ୍ ॥ କଟକ, ୩୧।୧୨ : ବାରଙ୍ଗଥାନା ଅନ୍ତର୍ଗତ ପାଟପୁର ଗ୍ରାମର କାଞ୍ଚନ ସାମଲଙ୍କ ପୁଅ ରାଜା ସାମଲ(୩୨)କୁ ଡ଼ିସେମ୍ବର ଗତ ୬ ତାରିଖ ଦିନ ଯୋଜନାବଦ୍ଧ ଭାବେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଭୋଗରା ଗ୍ରାମରେ ଥିବା ରାଜାର ଶ୍ୱଶୁର ଘରେ ତାଙ୍କ ପତ୍ନୀ ଚଶ୍ମିତା ସାମଲ, ଗୀତା ସାମଲ, ନରେନ୍ଦ୍ର ସାମଲ, ମିଂଜା ସାମଲ ଓ ଚଶ୍ମିତାର ପ୍ରେମିକ ଜାଗୁ ସାମଲ ଓ ଅନ୍ୟ ସମର୍ଥକମାନେ ହତ୍ୟା କରିଥିବା ନେଇ କାଞ୍ଚନ ସାମଲ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲେ । ଖୁଣ୍ଟୁଣୀ ଥାନା ପୁଲିସ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ସାମାଜିକ କର୍ମୀ ସୁକାନ୍ତ ସେଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତ ୧୩ ତାରିଖ ଦିନ କଟକ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଫେରାଦ ହେବା ସହିତ ପୁର୍ନବାର କାଞ୍ଚନ ସାମଲ ଏସ୍‌ପିଙ୍କ ନିକଟରେ ଲିଖିତ ଭାବେ ଗୁରୁତର ଅଭିଯୋଗ କରିଥିଲ । କାଞ୍ଚନଙ୍କ ବୋହୂ ଚଶ୍ମିତାର ଦୀର୍ଘଦିନ ହେବ ଜାଗୁ ସାମଲଙ୍କ ସହିତ ଅନୈତିକ ସମ୍ପର୍କ ରଖିଆସୁଥିଲା । ବୋହୂର ଏଭଳି ଅନୈତିକ କାର୍ଯ୍ୟ ଧରାପଡ଼ିଯିବାରୁ ସ୍ୱାମୀକୁ ରାସ୍ତାରୁ ସବୁଦିନ ହଟାଇଦେବା ପାଇଁ ଶ୍ୱଶୁର ଘରୁକୁ ଡ଼ାକି ସଂଘବଦ୍ଧ ଭାବେ ହତ୍ୟା କରିଛନ୍ତି ବୋଲି ଅଭିଯୋଗ କରିଥିଲେ । ପରିଷଦ ଓ ଏଡଲାକାରୀ କାଞ୍ଚନ ସାମଲଙ୍କ ଅଭିଯୋଗକୁ ଗୁରୁତ୍ୱର ସହିତ ବିଚାରକୁ ନେଇ ଘଟଣାର ତଦନ୍ତ କରି ତୁରନ୍ତ ମାମଲା ରୁଜୁ କରିବାକୁ ଖୁଣ୍ଟୁଣୀ ଥାନାକୁ ନିର୍ଦ୍ଦେଶ ଦେଇଥିଲେ । ଥାନା ଅଧିକାରୀ ତଦନ୍ତ କରିବା ସହ ମୁଦାଲାମାନଙ୍କ ବିରୁଦ୍ଧରେ ଧାରା-୩୦୨, ୩୪ ଆଇପିସିରେ ଏକ ହତ୍ୟା ମାମଲା ରୁଜୁ କରିଥିବା ସତ୍ତ୍ୱେ ପୁଲିସ ମୁଦାଲାମାନଙ୍କୁ ଗିରଫ କରୁନଥିବାରୁ ସେମାନେ ଖୁଲମ୍‌ଖୋଲା ବୁଲି ଅଭିଯୋଗକାରିଣୀଙ୍କ ପରିବାରଙ୍କୁ ବିଭିନ୍ନ ପ୍ରକାର ଧମକ ଚମକ ଦେଉଥିବାରୁ ଅଭିଯୋଗକାରିଣୀଙ୍କ ପରିବାର ଏବେ ଭୟଭୀତ ଅବସ୍ଥାରେ ଦିନ କାଟୁଥିବାର ଜଣାପଡ଼ିଛି ।

ସାଲେପୁର କଲେଜ ୧୯୯୩ ବ୍ୟାଚ୍‌ର ବନ୍ଧୁମିଳନ

॥ ପ୍ରଭାନ୍ୟୁଜ୍ ॥ ସାଲେପୁର, ୩୧।୧୨ : ଗତ ରବିବାର ଦିନ ସାଲେପୁର ମଧୁସୂଦନ ଭବନଠାରେ ସାଲେପୁର କଲେଜ ୧୯୯୩ ବ୍ୟାଚ୍ ଓଡ଼ିଆ ବିଭାଗ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ତ୍ତିକ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଆ ବିଭାଗର ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ୨୬ ବର୍ଷ ତଳର କଲେଜର ସ୍ମୃତିକୁ ମନ ପକାଇବା ସହ ନିଜ ନିଜ ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ଏହି ଅବସରରେ ଅଧ୍ୟାପକ ରବି ନାୟକ ଓ ବାବୁଲା ଦାସଙ୍କ ବିୟୋଗରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ପବିତ୍ର କୁମାର ଜେନାଙ୍କ ସଂଯୋଜନାରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ବହୁ ଛାତ୍ରଛାତ୍ରୀ ନିଜ ନିଜର କବିତା ପାଠ କରିଥିଲେ । ଏହି ବନ୍ଧୁମିଳନ ଉତ୍ସବରେ ଆରତୀ ରାଉତ, ଭାରତୀ ମଲ୍ଲିକ, ଭାଗ୍ୟଲକ୍ଷ୍ମୀ ସ୍ୱାଇଁ, ଭରତ ଚନ୍ଦ୍ର ବିଶ୍ୱାଳ, ବିଷ୍ଣୁପ୍ରସାଦ ମିଶ୍ର, ଚିତ୍ରାଙ୍ଗନା ମିଶ୍ର, ହେମନ୍ତ କୁମାର ଭୂୟାଁ, ପଦ୍ମଲୋଚନ ସାହୁ, ଜୟଶ୍ରୀ ଶତପଥୀ, କମଳାକାନ୍ତ ପରିଜା, ପବିତ୍ର ମୋହନ ଜେନା, ରାଜଶ୍ରୀ ପଣ୍ଡା, ସନ୍ତୋଷ ଚିନ୍ନରା, ସୁମିତ୍ରା ସାହୁ, ସାବିତ୍ରୀ ସାହୁଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଶେଷରେ ସୁଲୋଚନା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

ମହନ୍ତ ମଦନ ମୋହନ ଦାସଙ୍କ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

॥ ପ୍ରଭାନ୍ୟୁଜ୍ ॥ ନିଆଳି, ୩୧।୧୨ : ନିଆଳି ଅଞ୍ଚଳର ପୁରାତନ ତଥା ପ୍ରସିଦ୍ଧ ଦେବପୀଠ ନୂଆଗାଁସ୍ଥିତ ଶ୍ରୀ ଶ୍ରୀ ରାଧାକାନ୍ତ ମଠାଧିସ ମହନ୍ତ ମଦନ ମୋହନ ଦାସଙ୍କ ବିୟୋଗ ଅବସରରେ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ମଠ ପରିସରରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ପ୍ରାଚୀ ଗବେଷକ ହଂସନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୂଆଗାଁ ଗ୍ରାମବାସୀ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ମହୋତ୍ସବ କାର୍ଯ୍ୟକ୍ରମକୁ ଯଥାରୀତିରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ସମସ୍ତଙ୍କ ସମୂହ ସହଯୋଗରେ କାର୍ଯ୍ୟକ୍ରମକୁ ସୂଚାରୁରୂପେ ତୁଲାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ଉପସ୍ଥିତ ସମସ୍ତେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ପୂର୍ବତନ ସରପଞ୍ଚ ରମଣୀରଞ୍ଜନ ମିଶ୍ର, ଚନ୍ଦ୍ରମଣୀ ସାହୁ, ନଗେନ ନାୟକ, କାର୍ତ୍ତିକ ଚନ୍ଦ୍ର ଷଡଙ୍ଗୀ, ଶରତ କୁଣ୍ଡ, ବୁଧନାଥ ସାହୁ, ଦେବରାଜ ସେନାପତି ପ୍ରମୁଖ ବହୁ ମଠପ୍ରେମୀ ଶ୍ରଦ୍ଧାଳୁ ଉପସ୍ଥିତଥିଲେ ।

ଆଠଗଡ ମହୋତ୍ସବକୁ ନେଇ କଳ୍ପନା ଜଳ୍ପନା, ପ୍ରଶାସନିକ ଅନୁମତିକୁ ଅପେକ୍ଷା

॥ ପ୍ରଭାନ୍ୟୁଜ୍ ॥ ଆଠଗଡ, ୩୧।୧୨ : ଆଠଗଡ ଗଡଜାତର ଐତିହ୍ୟ ସଂସ୍କୃତି ଓ କଳାକୁ ଉଦ୍‌ଯାପିତ କରିବା ତଥା ଲୋକଲୋଚନକୁ ଆଣିବା ନିମନ୍ତେ ପ୍ରତ୍ୟକ ବର୍ଷ ଆଠଗଡ ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ମାତ୍ର ବିଗତ କିଛିବର୍ଷ ହେଲା ବିଭିନ୍ନ ସମସ୍ୟା କାରଣରୁ ଆୟୋଜକମାନେ ଏହି ମହୋତ୍ସବ ଆୟୋଜନ କରିବାରେ ଓହରି ଯାଇଥିଲେ । ମାତ୍ର ଚଳିତ ବର୍ଷ ଆଠଗଡ ମହୋତ୍ସବ ଆୟୋଜନ ନିମନ୍ତେ ପୂର୍ବରୁ ଦୀର୍ଘ ୬ ବର୍ଷ ଧରି କରିଥିବା ଗଡଜାତ ପରିକ୍ରମା ଏବଂ ପରେ ପରେ ୩ ବର୍ଷ ପାଇଁ କରିଥିବା ଆଠଗଡ ମହୋତ୍ସବ କମିଟି ଉଭୟଙ୍କ ପକ୍ଷରୁ ଚଳିତ ବର୍ଷ ମହୋତ୍ସବର ଆୟୋଜନ ପାଇଁ ପ୍ରଶାସନର ସ୍ୱୀକୃତି ପାଇବା ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ପାଖରେ ଆବେଦନ କରିଛନ୍ତି । ଯାହାଫଳରେ ମହୋତ୍ସବ ଆୟୋଜନ ନେଇ ବହୁ କଳ୍ପନା ଜଳ୍ପନା ପ୍ରକାଶ ପାଉଛି । ଏ ସମ୍ପର୍କରେ ଉପଜିଲ୍ଲାପାଳ ଅମୀୟ କୁମାର ସାହୁଙ୍କ ସହିତ ଯୋଗାଯୋଗ କରିବାରେ ମହୋତ୍ସବ ଆୟୋଜନ ନିମନ୍ତେ ଆବଶ୍ୟକୀୟ ଅନୁମତି ନିମନ୍ତେ ବିଭିନ୍ନ ବିଭାଗକୁ ପଠାଯାଇଛି ଏବଂ ସେଠାରୁ ଅନୁମତି ପତ୍ର ଆସିବା ପରେ ଦୁଇ ଆୟୋଜକଙ୍କ ସହମତି କ୍ରମେ ଅନୁମତି ଦିଆଯିବ ବୋଲି ପ୍ରକାଶ କରିଥିଲେ । ଏଥିସହ ଗତକାଲି ଜିଲ୍ଲାପାଳଙ୍କ ଜନଶୁଣାଣିରେ ଗଡଜାତ ପରିକ୍ରମା ପକ୍ଷରୁ ମହୋତ୍ସବର ଅନୁମତି ନିମନ୍ତେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଚଇନି ଏ ସଂକ୍ରାନ୍ତରେ ଉପଜିଲ୍ଲାପାଳ ଏବଂ ଶାନ୍ତିଶୃଙ୍ଖଳା ନିମନ୍ତେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କ ସହିତ ଆଲୋଚନା କରି ଯଥାଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରକାଶ କରିଛନ୍ତି । ଗୋଟିଏ ପଟେ ଅନୁମତି ପତ୍ର ନଥାଇ ଗଡଜାତ ପରିକ୍ରମା ମହୋତ୍ସବ ନିମନ୍ତେ ଆସସନ୍ତା ଜାନୁୟାରୀ ୧୩ରୁ ୧୭ ତାରିଖ ପାଇଁ ଦିନ ଧାର୍ଯ୍ୟ କରିବା ସହିତ ହୋଡିଂମାନ ଲଗାଇ ସାରିଛି । ଅନ୍ୟପଟରେ ଆଠଗଡ ମହୋତ୍ସବ କମିଟି ପ୍ରଶାସନ ପକ୍ଷରୁ ଅନୁମତି ପତ୍ର ପାଇବା ପରେ ମହୋତ୍ସବ ନିମନ୍ତେ ଦିନ ଧାର୍ଯ୍ୟ କରିବେ ବୋଲି ପ୍ରକାଶ କରୁଛନ୍ତି । ଏଭଳି ଦୁଇ ଦୁଇଟି ଅନୁଷ୍ଠାନ ମହୋତ୍ସବ ଆୟୋଜନ ନିମନ୍ତେ ଆଗଭର ଥିବାବେଳେ ଏହାର ସଫଳତା ତଥା ଆୟୋଜନ ନେଇ ସାଧାରଣରେ ବହୁ କଳ୍ପନା ଜଳ୍ପନା ପ୍ରକାଶ ପାଉଛି ।

ଆଦିବାସୀ ଝିଅ ପାଇଲା ନବୋଦୟ

॥ ପ୍ରଭାନ୍ୟୁଜ॥ ନିଆଳି, ୩୧।୧୨ : ପଙ୍କରୁ ବି ପଦ୍ମ ଫୁଟେ । ଏହି ଉକ୍ତିକୁ ସତ୍ୟରେ ପ୍ରତିପାଦିତ କରିଛନ୍ତି ନିଆଳି ବ୍ଲକ ନିଆଳି ମୁଣ୍ଡାସାହିର ଜଣେ ଆଦିବାସି ଝିଅ ନବୋଦୟ ପାଇ ଏକ ଉଦାହରଣ ସୃଷ୍ଟି କରିଛି । ଖବର ଅନୁଯାୟୀ ଉକ୍ତ ମୁଣ୍ଡା ସାହିରେ ସାଧାରଣତଃ ଆଦିବାସୀ ଜାତିର ଲୋକେ ବସବାସ